# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**16 July - 2024**

**News Editor : Itishree Singh Rathaur**

*********************************

## ମୁଖ୍ୟ ସମ୍ବାଦ

- ପୁରୀ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଆସନ୍ତା ଗୁରୁବାର ପୁଣିଥରେ ଖୋଲିବା ନେଇ ତଦାରଖ କମିଟିର ନିଷ୍ପତ୍ତି
- ପୁରୀରେ ଶ୍ରୀହରିଶୟନ ଏକାଦଶୀ ତିଥିରେ ଆସନ୍ତାକାଲି ଅନୁଷ୍ଠିତ ହେବ ଶ୍ରୀଜୀଉଙ୍କ ସୁନାବେଶ

– ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼; ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା

- ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର କାର୍ଯ୍ୟକ୍ରମର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ଏବଂ

- ରାଜ୍ୟରେ ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା

*Puri*

## ପୁରୀ–ରତ୍ନଭଣ୍ଡାର

ରତ୍ନଭଣ୍ଡାର ତଦାରଖ କମିଟିର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଆଜି ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଭିତର ରତ୍ନଭଣ୍ଡାର ଆସନ୍ତା ଗୁରୁବାର ଦିନ ପୁଣିଥରେ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ସମୟ ନିର୍ଘଣ୍ଟ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ପଦକ୍ଷେପ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ମହାପ୍ରଭୁଙ୍କର ଅଧରପଣା ନୀତି ସେହି ଦିନ ରଥ ଉପରେ ଅନୁଷ୍ଠିତ ହେଉଥିବାରୁ ଶ୍ରଦ୍ଧାଳୁଙ୍କୁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସକାଳ ୮ଟାରୁ କଟକଣା ଲଗାଯିବକୁ ସ୍ଥିର କରାଯାଇଛି। ଏ ସମ୍ପର୍କରେ ଅଧିକ ସୂଚନା ଦେଇ କମିଟିର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ କହିଛନ୍ତି...

**- V/O -**

ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ିଙ୍କ ସମେତ କମିଟିର ସଦସ୍ୟଗଣ ଉପସ୍ଥିତ ଥିଲେ।

*Puri*

## ଶ୍ରୀଜୀଉଙ୍କ ସୁନାବେଶ

ପୁରୀରେ ପବିତ୍ର ଶ୍ରୀହରିଶୟନ ଏକାଦଶୀ ତିଥିରେ ଆସନ୍ତାକାଲି ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବଡ଼ତଡ଼ାଉ ବେଶ ବା ସୁନାବେଶ ହେବ। ସିଂହଦ୍ୱାର ସମ୍ମୁଖରେ ଥିବା ତିନିରଥ ଉପରେ ଶ୍ରୀଜୀଉଙ୍କ ସୁନାବେଶ

ଦେଖିବା ପାଇଁ ଆସନ୍ତାକାଲି ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଭକ୍ତମାନେ ଶୃଙ୍ଖଳିତ ଭାବେ ରଥ ଉପରେ ଯେପରି ଠାକୁରଙ୍କ ସୁନାବେଶ ଦର୍ଶନ କରିପାରିବେ ସେଥିପାଇଁ ସେବାୟତମାନେ ବିଗ୍ରହ ସମ୍ମୁଖରେ ନ ରହିବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି । ଏଥିସହିତ ଶ୍ରଦ୍ଧାଳୁମାନଙ୍କ ପାଇଁ ପାନୀୟ ଜଳ ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ରର ବ୍ୟବସ୍ଥା କରାଯାଇଥିବା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି । ଶ୍ରୀକ୍ଷେତ୍ରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୯୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହେବେ ।

ସୂଚନାଯୋଗ୍ୟ, ବର୍ଷକ ମଧ୍ୟରେ ୫ଥର ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ସୁନାବେଶ ହେଉଥିବାବେଳେ ହରିଶୟନ ଏକାଦଶୀ ତିଥିରେ ରଥ ଉପରେ ଠାକୁରଙ୍କର ସୁନାବେଶ କରାଯାଇଥାଏ । ଆସନ୍ତାକାଲି ସନ୍ଧ୍ୟା ୫ଟା ସୁଦ୍ଧା ସୁନାବେଶ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତିନିର୍ଘଣ୍ଟ କରାଯାଇଛି ।

ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ଲାଗି ଶ୍ରଦ୍ଧାଳୁଙ୍କର ଭିଡ଼ ଲାଗି ରହିଛି । ଆସନ୍ତା ଗୁରୁବାର ଅଧରପଣା ନୀତି ଅନୁଷ୍ଠିତ ହେବ । ସେହିଭଳି ଶୁକ୍ରବାର ଦିନ ଠାକୁରଙ୍କର ନିଳାଦ୍ରୀବିଜେ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

*Desk*

## ପୁରୀକୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ

ପୁରୀ ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ସୁନାବେଶ ଏବଂ ଅଧରପଣା ନୀତି ଲାଗି ଶ୍ରଦ୍ଧାଳୁଙ୍କ ସମ୍ଭାବ୍ୟ ଭିଡ଼କୁ ଦୃଷ୍ଟିରେ ରଖି ପୂର୍ବତଟ ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ବ୍ୟବସ୍ଥା କରାଯାଇଛି। ନିୟମିତ ଟ୍ରେନ୍ ଚଳାଚଳକୁ ଛାଡ଼ି ଆସନ୍ତାକାଲି ସୁନାବେଶ ପାଇଁ ସ୍ୱତନ୍ତ୍ର ଭାବେ ୪୩ଟି ଏବଂ ଗୁରୁବାର ଅଧରପଣା ନୀତି ପାଇଁ ୩୩ଟି ଅତିରିକ୍ତ ଟ୍ରେନ୍ ଚଳାଚଳ କରିବ। ଏହି ଟ୍ରେନ୍‌ଗୁଡ଼ିକ ରାଜ୍ୟର ବିଭିନ୍ନ ଅଞ୍ଚଳ ତଥା ପଡ଼ୋଶୀ ରାଜ୍ୟରୁ ପୁରୀକୁ ଚଳାଚଳ କରିବ।

*I&PR*

## ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର କାର୍ଯ୍ୟକ୍ରମର ସମୀକ୍ଷା କରି ପିଲାମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ଚଳିତ ବର୍ଷ ଅତିକମ୍‌ରେ ୧୦ଟି ଉଚ୍ଚବିଦ୍ୟାଳୟକୁ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଉନ୍ନୀତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ବିଭାଗ ଦ୍ୱାରା ପରିଚାଳିତ ଛାତ୍ରାବାସ ଗୁଡ଼ିକରେ ଖାଦ୍ୟମାନ ବୃଦ୍ଧି ତଥା ସ୍ୱାସ୍ଥ୍ୟ, ସୁରକ୍ଷା ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ପ୍ରଦାନ ପାଇଁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଛାତ୍ରାବାସ ଗୁଡ଼ିକର ଉନ୍ନତିକରଣ ପାଇଁ ମଧ୍ୟ କୁହାଯାଇଛି। ଏହା ଅନୁସାରେ ଆବଶ୍ୟକତା ଅନୁଯାୟୀ

କେତେକ ଛାତ୍ରାବାସକୁ ୧୦୦ ଆସନ ବିଶିଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ଛାତ୍ରାଛାତ୍ରୀଙ୍କ ଡ୍ରପ୍‌ଆଉଟ୍ ରୋକିବା, ଜଙ୍ଗଲ ଜମି ଅଧିକାର ଯୋଜନା, ପିଏମ୍ ଜନମନ ଯୋଜନା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆଦି ଉପରେ ଆଲୋଚନା ହୋଇଥିଲା।

***PR***

## ଧର୍ମେନ୍ଦ୍ର ପ୍ରଧାନ- ପଛୁଆବର୍ଗ ସମ୍ମିଳନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଗରିବ ଏବଂ ପଛୁଆବର୍ଗଙ୍କୁ ସଶକ୍ତ କରିବାର କାର୍ଯ୍ୟ କରୁଛନ୍ତି। ପଛୁଆ ବର୍ଗ ଆୟୋଗଙ୍କୁ ସାମ୍ବିଧାନିକ ମାନ୍ୟତା ଦେବାରେ ଐତିହାସିକ ନିର୍ଣ୍ଣୟ ନିଆଯାଇଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ହରିୟାଣାର ମହେନ୍ଦ୍ରଗଡ଼ରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ପଛୁଆବର୍ଗ ସମ୍ମାନ ସମ୍ମିଳନୀରେ ଯୋଗଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି।

***HS***

## ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା

ଓଡ଼ିଶା ମାଧମିକ ଶିକ୍ଷା ପରିଷଦ ପକ୍ଷରୁ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ସୂଚୀ ପ୍ରକାଶ ପାଇଛି। ଆସନ୍ତା ୨୧ରୁ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ୮୩ଟି କେନ୍ଦ୍ରରେ ସପ୍ଲିମେଣ୍ଟାରୀ ପରୀକ୍ଷା ଅନୁଷ୍ଠିତ ହେବ। ଚଳିତ ବର୍ଷ ୯୭୨ ଜଣ ପରୀକ୍ଷାର୍ଥୀ ମାଟ୍ରିକ ସପ୍ଲିମେଣ୍ଟାରୀ ଦେବେ। ସେହିଭଳି ୧୨୧ଟି କେନ୍ଦ୍ରରେ ୨୪ ହଜାର ୫୨୦ ଜଣ ପରୀକ୍ଷାର୍ଥୀ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଦେବେ। ଏହି ପରୀକ୍ଷା ପାଇଁ ବୋର୍ଡ

ୱେବସାଇଟ୍‌ରେ ପ୍ରବେଶପତ୍ର ଉପଲବ୍ଧ ରହିଥିବା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି ।

***Desk***

## ଯୁକ୍ତ ୩- ମେଧାତାଲିକା ପ୍ରକାଶ

ଚଳିତ ଶିକ୍ଷାବର୍ଷରେ ଯୁକ୍ତ ୩ ପାଠ୍ୟକ୍ରମରେ ନାମଲେଖା ପାଇଁ ଆଜି ଅପରାହ୍ନରେ ତୃତୀୟ ପର୍ଯ୍ୟାୟ ମେଧାତାଲିକା ପ୍ରକାଶ ପାଇଛି । ମନୋନୀତ ଛାତ୍ରଛାତ୍ରୀମାନେ ନିଜ କଲେଜ ଏବଂ ନାମଲେଖା ସମ୍ପର୍କିତ ଅନ୍ୟାନ୍ୟ ବିବରଣୀ samsodisha.gov.in ରେ ଜାଣିପାରିବେ । ରାଜ୍ୟର ୧ ହଜାର ୫୬ଟି ସ୍ନାତକ ମହାବିଦ୍ୟାଳୟରେ ନାମଲେଖା ପ୍ରକ୍ରିୟା ଜାରି ରହିଛି । ଦ୍ୱିତୀୟ ପର୍ଯ୍ୟାୟ ଶେଷ ସୁଦ୍ଧା ୧ ଲକ୍ଷ ୨୦ ହଜାର ୮୮୫ଟି ସିଟ୍  ପୂରଣ ହୋଇସାରିଛି । ଏବେ ମଧ୍ୟ ୧ ଲକ୍ଷ ୫୩ ହଜାର ୨୬୬ଟି ସିଟ୍ ଖାଲି ପଡ଼ିଥିବା ଜଣାପଡ଼ିଛି । ତୃତୀୟ ପର୍ଯ୍ୟାୟ ମେଧାତାଲିକାରେ ମନୋନୀତ ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖା ପ୍ରକ୍ରିୟା ଆସନ୍ତା ଗୁରୁବାର ଆରମ୍ଭ ହୋଇ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିପାଇଁ ମନୋନୀତ ଛାତ୍ରଛାତ୍ରୀମାନେ ଆବଶ୍ୟକ ନାମଲେଖା ଫି’ ଆସନ୍ତା ୧୮ ତାରିଖ ମଧ୍ୟରେ ଦାଖଲ କରିପାରିବେ ।

***Desk***

## ଯୁକ୍ତ ଦୁଇ ନାମଲେଖା

ଚଳିତ ଶିକ୍ଷା ବର୍ଷ ପାଇଁ ଉଚ୍ଚମାଧ୍ୟମିକ ଶିକ୍ଷା ଯୁକ୍ତ ଦୁଇର କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଓ ଉପଶାସ୍ତ୍ରୀରେ ଏକାଦଶ ଶ୍ରେଣୀରେ

ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟ ଚୟନ ତାଲିକା ଆସନ୍ତା ୨୦ ତାରିଖରେ ପ୍ରକାଶ ପାଇବ।

***Desk***

## ଆଇଏଏସ୍‌ଙ୍କ ଦାୟିତ୍ୱ ଗ୍ରହଣ

ନୂଆଦିଲ୍ଲୀରେ ଓଡ଼ିଶା ଭବନର ନୂତନ ଆବାସିକ କମିଶନର ଭାବେ ଆଇଏଏସ୍ ଅଧିକାରୀ ବିଶାଲ ଗଗନ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ୧୯୯୮ ବ୍ୟାଚ୍‌ର ଶ୍ରୀ ଗଗନ ଏହା ପୂର୍ବରୁ ଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟରତ ଥିଲେ।

***Sambalpur***

## ଚିତ୍ରା ହରିଣ ସ୍ଥାନାନ୍ତର

କେନ୍ଦ୍ରୀୟ ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷଙ୍କ ଅନୁମତିକ୍ରମେ ସମ୍ବଲପୁରର ଦେବ୍ରୀଗଡ଼ ଅଭୟାରଣ୍ୟକୁ ଆଜି ପ୍ରଥମ ଦିନରେ ୧୨ଟି ଚିତ୍ରା ହରିଣ ସ୍ଥାନାନ୍ତର କରାଯାଇଛି। ପର୍ଯ୍ୟାୟକ୍ରମେ ସମୁଦାୟ ୧୧୫ ଚିତ୍ରା ହରିଣ ଅଭୟାରଣ୍ୟକୁ ଯିବେ ବୋଲି ଜଣାପଡ଼ିଛି। ସମ୍ବଲପୁର ପ୍ରାଣୀଉଦ୍ୟାନରୁ ଚିତ୍ରା ହରିଣ ଗୁଡ଼ିକୁ ସ୍ଥାନାନ୍ତର କରାଯାଉଛି। ସେହିଭଳି ଦେବ୍ରୀଗଡ଼ ଅଭୟାରଣ୍ୟକୁ ତିନୋଟି ବାଘ ଏବଂ ସମ୍ବଲପୁର ପ୍ରାଣୀ ଉଦ୍ୟାନକୁ ଚାରୋଟି ମହାବଳ ବାଘ ସ୍ଥାନାନ୍ତର କରାଯିବା ନେଇ ପୂର୍ବରୁ ଅନୁମତି ମିଳିଛି।

***HS***

## ବସ୍ ଦୁର୍ଘଟଣା

ବଲାଙ୍ଗିର ଗଇଁତଲା ଠାରେ ଆଜି ଭୋର ସମୟରେ ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୦ ଜଣ ଯାତ୍ରୀ ଆହତ ହୋଇଛନ୍ତି । ସେମାନଙ୍କୁ ଚିକିତ୍ସା ପାଇଁ ବଲାଙ୍ଗିର ଭୀମ ଭୋଇ ମେଡ଼ିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରେ ପୁଲିସ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି ।

***BHK***

## ଚକ୍ରଧର ବେହେରା

ଭଦ୍ରକ ସଂସ୍କୃତି ଭବନରେ କନିକା ପ୍ରଜା ଆନ୍ଦୋଳନର ମୁଖ୍ୟ ପୁରୋଧା ମହାନ୍ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ଚକ୍ରଧର ବେହେରାଙ୍କ ୧୩୦ ତମ ଜୟନ୍ତୀ ପାଳିତ ହୋଇଛି । କାର୍ଯ୍ୟକ୍ରମରେ ପୂର୍ବରୁ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

***Nuapada***

## ଭୀମ ଭୋଇ ସାମର୍ଥ୍ୟ ଅଭିଯାନ

ନୂଆପଡ଼ା ଜିଲ୍ଲା ଖଡ଼ିଆଳ କଲ୍ୟାଣ ମଣ୍ଡପଠାରେ ଉପଖଣ୍ଡ ସ୍ତରୀୟ ଭୀମ ଭୋଇ ସାମର୍ଥ୍ୟ ଅଭିଯାନ ମାଧ୍ୟମରେ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ବ୍ଲକ କର୍ମଚାରୀ, ପୁଲିସ ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ ।

***Desk***

## ପାଣିପାଗ

ଉତ୍ତର-ପଶ୍ଚିମ ଓ ତତ୍‌ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ତେବେ ଆସନ୍ତା ଶୁକ୍ରବାର ସୁଦ୍ଧା

ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟିହେବାର ସମ୍ଭାବନା ଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଏହାର ପ୍ରଭାବରେ ଆସନ୍ତା ଶନିବାର ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅତି ପ୍ରବଳ ବର୍ଷା ହେବା ନେଇ ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା ଓ ମାଲକାନଗିରି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*****